মেসর্স জাতীয় বীমা কম্পানী লিমিটেড্

বনাম

শ্রীমতী জিকুভাই নাথুজী দাভি এবং অন্যমানে

নভেম্বর 20,1996

[কে. রামস্বামী, জি. টি. নানাবতী এবং কে. ভেঙ্কটস্বামী, ন্যায়মূর্ত্তিবৃন্দ]

*বীমা :*

*বীমা পলিসি—মোটর যানর বীমা—নবীকরণ প্রিমিয়ম—নবীকরণ তারিখ মধ্যরে জমা করাযাই নথিলা—14.10.1983 তারিখরে জমা করাযিবাকু থিবা নবীকরণ বীমাকিস্তির প্রভাব—25.10.1983 তারিখরে অপরাহ্ণ 4টারে প্রিমিয়ম জমা করাযাইথিলা—বীমা পলিসি 14.10.1983 তারিখরু 25.10.1983 পর্য্যন্ত অপরাহ্ণ 4টা পর্য্যন্ত স্থগিত রহিথিলা—নবীকরণ চুক্তিনামা 25.10.1983 তারিখ অপরাহ্ণ 4টারে কার্য্যকারী হোইথিলা—25.10.1983 তারিখ 11.14 পূর্বাহ্ণরে দুর্ঘটণা ঘটিথিলা—বীমা কম্পানীর দায়িত্ব—দর্শাযাইছি, বীমা পলিসিরে উল্লেখ করাযাইথিবা স্বতন্ত্র চুক্তিনামাকু দৃষ্টিরে রখি, অর্থাত্ এহা 25.10.1983 তারিখ, অপরাহ্ণ 4টারু কার্য্যক্ষম হেব, বীমা অন্তর্ভুক্ত দাবিদারঙ্কু বীমা কম্পানীঠারু রাশি আদায় করিবাকু সক্ষম করিব নাহিঁ—দাবিদার যানর মালিকঙ্ক বিরোধরে কৌণসি দাবি করিবাকু স্বাধীন অটন্তি ।*

*নু্য ইণ্ডিআ আস্যুরান্স কম্পানী বনাম রাম দয়াল,* ***[1990] 2 SCR 570, উল্লেখ করাযাইছি ।***

দেৱানী অপিল অধিকারিতা :দেৱানী অপিল সংখ্যা 2671/1991।

এফ্.এ. সংখ্যা 1366/1989 রে গুজরাট উচ্চ ন্যায়ালয়ঙ্কর 20.12.89 তারিখর রায় এবং আদেশরু ।

অপিলকারী পাইঁ জিতন্দর শর্মা, শ্রীমতী গুণৱত দারা, সুশ্রী মিনাক্ষী ভিজ, পি. গৌর ।

সি.এ. সংখ্যা 2671/91 রে উত্তরদাতাঙ্ক পাইঁ এচ্.এ. রাইচুরা ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଅପିଲ କେବେଳ ଏହି ପ୍ରଶ୍ନରେ ସୀମିତ ଯେ, ବାଦବିବାଦରେ ଥିବା ବୀମା ପଲିସିର ପରିଚାଳନା ସମୟରେ ଦୁର୍ଘଟଣା ଘଟିଥିଲା କି ନାହିଁ । ସ୍ୱୀକୃତ ସ୍ଥିତି ହେଉଛି ଯେ, ବୀମାର ନବୀକରଣ ନିମ୍ନମତେ କାର୍ଯ୍ୟକାରୀ କରାଯାଇଥିଲା :

*"ଠିକଣା : ଜଲ ଆପାର୍ଟମେଣ୍ଟ, ପିଡି. ଭିଲେ ପାର୍ଲେ (ଏନ୍) ବମ୍ବେ 5.*

ଏହା ଏତଦ୍ୱାରା ବୁଝାଯାଉଛି ଏବଂ ସହମତି ପ୍ରକାଶ ପାଇଛି ଯେ, ଏହି ପଲିସି ଅଧୀନରେ କେବଳ 1307 ଟଙ୍କାର ନବୀକରଣ ପ୍ରିମିୟମ 25.10.1983 ତାରିଖରେ ଜମା କରାଯାଇଛି ଏବଂ ନବୀକରଣ ଅର୍ଥାତ୍ 14.10.1983 ତାରିଖ ମଧ୍ୟରେ ନୁହେଁ, ଏହି ପଲିସି ଦ୍ୱାରା ବୀମା 14.10.1983 ତାରିଖ (ଅପରାହ୍ନ 4ଟା) ରୁ 24.10.1983 ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି ।

ଆହୁରି ମଧ୍ୟ, ଏହା ଘୋଷଣା କରାଯାଇଛି ଏବଂ ସହମତି ପ୍ରକାଶ ପାଇଛି ଯେ, ଏହି ବୀମା ଅଧୀନରେ ଥିବା ଅନ୍ତର୍ଭୁକ୍ତିକୁ 1307 ଟଙ୍କାର ପ୍ରିମିୟମରେ 25.10.1983 ତାରିଖରୁ 24.10.1984 ତାରିଖ ପର୍ଯ୍ୟନ୍ତ 12 ମାସର ଅବଧି ପାଇଁ ପୁନଃସ୍ଥାପିତ ଏବଂ ନବୀକରଣ କରାଯାଇଛି ।

ନ୍ୟାୟାଧିକରଣ ଏହା ମଧ୍ୟ ନଥିଭୁକ୍ତ କରିଥିଲେ ଯେ, ଅକ୍ଟୋବର 25,1983 ଅପରାହ୍ନ 4ଟାରେ ନବୀକରଣ ଚୁକ୍ତିନାମା କାର୍ଯ୍ୟକାରୀ ହୋଇଥିଲା ଏବଂ ଏହା ଅକ୍ଟୋବର 24,1984 ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ । ନ୍ୟାୟାଧିକରଣ ଏହା ମଧ୍ୟ ନଥିଭୁକ୍ତ କରିଛନ୍ତି ଯେ, ଦୁର୍ଘଟଣାଟି ଅକ୍ଟୋବର 25,1983ରେ 11.14 ପୂର୍ବାହ୍ନ ଅର୍ଥାତ୍ ଚୁକ୍ତିନାମାର ନବୀକରଣ ପୂର୍ବରୁ ଘଟିଥିଲା । ଏହି ପରିସ୍ଥିତିରେ, ଏହା ସ୍ପଷ୍ଟ ହେବ ଯେ, ନବୀକରଣ କାର୍ଯ୍ୟକାରୀ ହୋଇନଥିବା ସମୟରେ ଦୁର୍ଘଟଣା ଘଟିଥିଲା ।

ନ୍ୟୁ ଇଣ୍ଡିଆ ଆସ୍ୟୁରାନ୍ସ *କମ୍ପାନୀ ବନାମ ରାମ ଦୟାଲ, [1990] 2 SCR* 570 ରେ ଏହି ନ୍ୟାୟାଳୟ ଦର୍ଶାଇଥିଲେ ଯେ, ସେଥିପାଇଁ କୌଣସି ନିର୍ଦ୍ଧାରିତ ସମୟ ଉଲ୍ଲେଖ ନ ଥିବା ପରିସ୍ଥିତିରେ ଜେନେରାଲ କ୍ଲୋଜସ୍ ଆକ୍ଟର ବିଧାନଗୁଡ଼ିକ ଅନୁସାରେ ଚୁକ୍ତିନାମା ସେହିଦିନର ମଧ୍ୟରାତ୍ରିରୁ କାର୍ଯ୍ୟକାରୀ ହେବ । କିନ୍ତୁ ବୀମା ପଲିସିରେ ଉଲ୍ଲେଖ କରାଯାଇଥିବା ସ୍ୱତନ୍ତ୍ର ଚୁକ୍ତିନାମାକୁ ଦୃଷ୍ଟିରେ ରଖି, ଅର୍ଥାତ୍, ଏହା ଅକ୍ଟୋବର 25,1983 ଅପରାହ୍ନ 4ଟାରୁ କାର୍ଯ୍ୟକ୍ଷମ ହେବ ଏବଂ ଦୁର୍ଘଟଣା ପୂର୍ବରୁ ଘଟିଥିଲା, ଏହା ବୀମା ଅନ୍ତର୍ଭୁକ୍ତ ଦାବିଦାରଙ୍କୁ ଅପିଲକାରୀ-କମ୍ପାନୀ ଠାରୁ ରାଶି ଆଦାୟ କରିବାକୁ ସକ୍ଷମ କରିବ ନାହିଁ ।

ତଦନୁଯାୟୀ ଅପିଲକୁ କେବଳ ଉପରୋକ୍ତ ସୀମା ପର୍ଯ୍ୟନ୍ତ ଅନୁମତି ଦିଆଯାଇଛି । ମାଲିକଙ୍କ ବିରୁଦ୍ଧରେ କୌଣସି ଦାବି ସମ୍ବନ୍ଧରେ, ଉତ୍ତରଦାତା ଏହାକୁ ଅସୁଲ କରିବାକୁ ସ୍ୱାଧୀନତା ରଖିଛନ୍ତି । କୌଣସି ଖର୍ଚ୍ଚ ନାହିଁ ।

ଆର୍.ପି. ଅପିଲକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ। "

**ଅନୁବାଦିକା :**
ସସ୍ମିତା ନାଏକ, ଓଡ଼ିଶା ଉଚ୍ଚ ନ୍ୟାୟାଳୟ